# Prime Minister Narendra Modi and Prime Minister of Mauritius Pravind Jugnauth to jointly inaugurate the new Supreme Court Building of Mauritius

July 28, 2020

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମରିଶସର ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଯୁଗନାଥ ମିଳିତ ଭାବେ ମରିଶସର ନୂଆ ସୁପ୍ରିମକୋର୍ଟ ଭବନକୁ ଉଦଘାଟନ କରିବେ

ଜୁଲାଇ 28, 2020

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମରିଶସର ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଯୁଗନାଥ ମିଳିତ ଭାବେ 30 ଜୁଲାଇ 2020, ଗୁରୁବାର ଦିନ ମରିଶସର ନୂଆ ସୁପ୍ରିମକୋର୍ଟ ଭବନକୁ ଉଦଘାଟନ କରିବେ। ଏହି ଉଦଘାଟନର ଆୟୋଜନ ମରିଶସର ନ୍ୟାୟ ବିଭାଗର ବରିଷ୍ଠ ସଦସ୍ୟ ଏବଂ ଉଭୟ ଦେଶର ଉଚ୍ଚାଧିକାରୀ ସଦସ୍ୟଙ୍କ ଉପସ୍ଥିତିରେ ଏକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ହେବ। ଏହି ଭବନର ନିର୍ମାଣ ଭାରତୀୟ ଅନୁଦାନ ସହାୟତାରେ କରାଯାଇଛି ଏବଂ କୋଭିଡ ପରେ ଏହି ଭବନ ମରିଶସର ରାଜଧାନୀ ପୋର୍ଟ ଲୁଇସ ମଧ୍ୟରେ ଭାରତ ସହାୟତାରେ ପ୍ରସ୍ତୁତ ପ୍ରଥମ ଆଧାରଭୂମି ପରିଯୋଜନା ହେବ।

ନୂଆ ସୁପ୍ରିମକୋର୍ଟ ଭବନର ଏହି ପରିଯୋଜନା ଭାରତ ସରକାରଙ୍କ ଦ୍ୱାରା ମରିଶସକୁ 2016 ମସିହାରେ ପ୍ରଦତ୍ତ 353 ମିଲିଅନ୍ ଡଲାରର 'ବିଶେଷ ଅର୍ଥନୈତିକ ପ୍ୟାକେଜ୍' ଅନ୍ତର୍ଗତ କାର୍ଯ୍ୟକାରୀ ହେଉଥିବା ପାଞ୍ଚଟି ଆଧାରଭୁତ ପରିଯୋଜନା ମଧ୍ୟରୁ ଗୋଟିଏ ଅଟେ। ଏହି ପରିଯୋଜନା ନିର୍ଦ୍ଧାରିତ ସମୟ ଭିତରେ ଏବଂ ଆଶା କରାଯାଉଥିବା ଖର୍ଚ୍ଚଠାରୁ କମ୍ ଖର୍ଚ୍ଚରେ ପୁରା ହୋଇସାରିଛି। ଭବନଟି 4700 ବର୍ଗ ମିଟରରୁ ଅଧିକ ଅଞ୍ଚଳରେ ବ୍ୟାପିଛି ଯେଉଁଥିରେ 10 ରୁ ଅଧିକ ମହଲା ଅଛି ଏବଂ ପ୍ରାୟ 25,000 ବର୍ଗମିଟର ବିଶିଷ୍ଟ ନିର୍ମାଣ କ୍ଷେତ୍ର ଅଛି। ଭବନଟି ଥର୍ମାଲ୍ ଏବଂ ଧ୍ୱନି ଇଂସୁଲେସନ୍ ଏବଂ ଉଚ୍ଚ ଶକ୍ତି ଦକ୍ଷତା ଉପରେ ଧ୍ୟାନ ଦେବା ସହିତ ଏକ ଆଧୁନିକ ଡିଜାଇନ୍ ଏବଂ ସବୁଜ ବିଶେଷତ୍ୱ ପ୍ରଦର୍ଶନ କରେ।

ଅକ୍ଟୋବର 2019 ରେ, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ମରିଶସର ପ୍ରଧାନମନ୍ତ୍ରୀ ମିଳିତ ଭାବରେ ବିଶେଷ ଆର୍ଥିକ ପ୍ୟାକେଜ୍ ଅନ୍ତର୍ଗତ ନିର୍ମିତ ମେଟ୍ରୋ ଏକ୍ସପ୍ରେସ ପରିଯୋଜନାର ପ୍ରଥମ ପର୍ଯ୍ୟାୟ ଏବଂ ମରିଶସରେ ନୂଆ ENT ଚିକିତ୍ସାଳୟ ପରିଯୋଜନାର ଉଦଘାଟନ କରିଥିଲେ। ମେଟ୍ରୋ ଏକ୍ସପ୍ରେସ ପରିଯୋଜନାର ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ମେଟ୍ରୋ ଲାଇନର 12 କିଲୋମିଟରର ନିର୍ମାଣ କାର୍ଯ୍ୟ ଗତ ବର୍ଷ ସେପ୍ଟେମ୍ବରରେ ଶେଷ ହୋଇଥିବାବେଳେ ଏହାର ଚରଣ -2ରେ 14 କିଲୋମିଟର ମେଟ୍ରୋ ଲାଇନର କାର୍ଯ୍ୟ ଚାଲିଛି। ENT ଚିକିତ୍ସାଳୟ ପରିଯୋଜନା ମାଧ୍ୟମରେ, ଭାରତ ମରିଶସରେ 100 ଟି ଶଯ୍ୟା ବିଶିଷ୍ଟ ENT ଚିକିତ୍ସାଳୟର ନିର୍ମାଣରେ ସହାୟତା କରିଛି।

ଦୁଇ ଦେଶ ମଧ୍ୟରେ ଦୃଢ଼ ଦ୍ୱିପକ୍ଷୀୟ ଭାଗିଦାରୀତାକୁ ପ୍ରତୀକ କରୁଥିବା ସହରର କେନ୍ଦ୍ର ଭାବରେ ନୂଆ ସୁପ୍ରିମକୋର୍ଟ ଭବନ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହେବ ବୋଲି ଆଶା କରାଯାଉଛି।

**ନୂଆ ଦିଲ୍ଲୀ**
**ଜୁଲାଇ 28, 2020**

DISCLAIMER : This is an approximate translation. The original is available in English on MEA's website and may be referred to as the official press release.